The Odisha Gazette

EXTRAORDINARY

PUBLISHED BY AUTHORITY

No. 283 CUTTACK, THURSDAY, FEBRUARY 8, 2024/MAGHA 19, 1945

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ

## (ଭୂ-ଅର୍ଜନ ଉପବିଭାଗ)

### ଅଧିସୂଚନା

(ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧))

ବିଜ୍ଞପ୍ତି ସଂଖ୍ୟା ୧୦୯୯ ତାରିଖ ୯-୦୮-୨୦୨୩ ସୁନ୍ଦରଗଡ

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କୋଇଲା ପରିବହନ ନିମନ୍ତେ ଏକ ସମର୍ପିତ କୋଲ କରିଡର ରାସ୍ତା ନିର୍ମାଣ ନିମନ୍ତେ ମୌଜା-ଜପଙ୍ଗା, ଥାନା-ଭସ୍ମା , ତହସିଲ-ସଦର, ସୁନ୍ଦରଗଡ , ଜିଲ୍ଲା-ସୁନ୍ଦରଗଡରେ ନିମ୍ନ ତଫସିଲ ମତେ ପ୍ରାୟ ୦.୦୫ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- କୋଇଲା ପରିବହନ ନିମନ୍ତେ ଏକ ସମର୍ପିତ କୋଲ କରିଡର ରାସ୍ତା ନିର୍ମାଣ

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାସ୍ତା ଏବଂ ଗୃହ ,ସୁନ୍ଦରଗଡ ଡିଭିଜନ

୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-ପ୍ରଯୁଜ୍ୟ ନୁହେଁ

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଏଥିସହିତ ସଂଲଗ୍ନ କରାଗଲା

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରାଶାସକଙ୍କ ବିବରଣୀ-ଉପ-ଜିଲ୍ଲାପାଳ, ସୁନ୍ଦରଗଡ

୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୁଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ | ସଦର ସୁନ୍ଦରଗଡ | ଜପଙ୍ଗା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୦୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

# ଖତିୟାନ କପି

| ମୌଜା- ଜପଙ୍ଗା | | | ତହସିଲ- ସଦର, ସୁନ୍ଦରଗଡ | | ଥାନା- ସଦର, ସୁନ୍ଦରଗଡ | ଜିଲ୍ଲା- ସୁନ୍ଦରଗଡ |
|---|---|---|---|---|---|---|
| **କ୍ର.ନ.** | **ଖାତା ନ.** | **ପ୍ଲଟ ନ.** | **କିସମ** | **ମୋଟ ରକବା** | **ଅର୍ଜନ ରକବା** | **ଖାତା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ** |
| ୧ | ୭୦ | ୧୧୧୬ | ବା.ସା | ୦.୧୨ | ୦.୦୧ | ବୃଷଭ ସା, ପି: ଚୈତନ୍ୟ ସା, ସନ୍ତୋଷ ସା, କଲୁ ସା ପିତା : ଆଡଙ୍ଗ ସା, ଜା: ଖଣ୍ଡାୟତ ବା: ନିଜଗାଁ |
| ୨ | ୧୧୪/୨ | ୧୧୧୫ | ବା.ସା | ୦.୨୦ | ୦.୦୪ | ନିରଞ୍ଜନ ସା, ପି: ବଟ ସା, ଜା: ଖଣ୍ଡାୟତ ବା: ନିଜଗାଁ |
| ମୋଟ ଅର୍ଜନ ରକବା | | | | | **ଏ ୦.୦୫** | |

ରାଜ୍ୟପାଳଙ୍କ ଆଦେଶକ୍ରମେ

**ଡ. ଗାଭାଲି ପରାଗ ହର୍ଷଦ**

**ଜିଲ୍ଲାପାଳ, ସୁନ୍ଦରଗଡ**

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2493—173+20